ପ୍ରେସ୍ ନୋଟ୍

# ଜାତୀୟ [redacted] ନବଜାତ ଶିଶୁ ସପ୍ତାହ ପାଳିତ ।

ଅନୁଗୋଳ, ତା.୧୮.୧୧:- ଜାତୀୟ ନବଜାତ ଶିଶୁ ସପ୍ତାହ ଚଳିତ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିଶୁର ଯତ୍ନ ଉପରେ ଆଲୋକପାତ କରିବା ସହ ଅସୁସ୍ଥତା ଲକ୍ଷଣ ଦେଖାଗଲେ ତୁରନ୍ତ ଆଶା କର୍ମୀ/ ସ୍ୱାସ୍ଥ୍ୟ କର୍ମୀଂକୁ ପରାମର୍ଶ କରି ଚିକିତ୍ସାଳୟକୁ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପଟ୍ଟନାୟକ ଶିଶୁ ଜନ୍ମ ପରେ ଯଥାଶିଘ୍ର ସ୍ତନ୍ୟପାନ କରାଇବା ସହିତ ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ନ ଦେବାକୁ ପରାମର୍ଶ ଦେଇଥିଲେ । ଶିଶୁକୁ ଧରିବା ପୂର୍ବରୁ ସ୍ୱଛତା ଅବଲମ୍ବନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଶିଶୁ ରୋଗ ବିଶେଷଜ୍ଞ ଡା. ନିରୋଦ ସାହୁ ନବଜାତ ଶିଶୁର ସ୍ୱାସ୍ଥ୍ୟଗତ ସମସ୍ୟା ଯଥା ବାତ ମାରିବା,ନିସ୍ତେଜ ରହିବା, ମା'କ୍ଷୀର ଖାଇ ନପାରିବା ଏବଂ ଗୋଟିଏ ମିନିଟ୍‌ରେ ୬୦ ଥରରୁ ଅଧିକ ନିଶ୍ୱାସ ପ୍ରଶ୍ୱାସ ନେବା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଉପଲକ୍ଷେ ନବଜାତ ଶିଶୁର ଯତ୍ନ ଓ ବିପଦ ସଙ୍କେତ ଉପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଅନ୍ୟମାନଂକ ମଧ୍ୟରେ ନର୍ସିଂ ଛାତ୍ରୀ,ଆଶାକର୍ମୀ,ସ୍ୱାସ୍ଥ୍ୟ କର୍ମୀ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୬୮ ତା.୧୮.୧୧.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।

